# ପାଠ ୪



## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

***ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର***

ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର

## ବାଇବଲ କାହାଣୀ

***ସୃଷ୍ଟିକର୍ତ୍ତାଙ୍କୁ ସତ୍ୟ ପରମେଶ୍ୱର ଭାବରେ ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ***

**ସୁସମ୍ବାଦ କାହାଣୀ-ପୁସ୍ତକ ଚତୁର୍ଥ ଖଣ୍ଡ ।** ପୃଷ୍ଠା 2-17 । *ସ୍ୱର୍ଗରୁ ଅଗ୍ନି ବୃଷ୍ଟି ।*

*ସୁସମ୍ବାଦ କାହାଣୀ ପୁସ୍ତିକାର ଚତୁର୍ଥ* ଖଣ୍ଡରେ ଥିବା ଚିତ୍ରସବୁ ପ୍ରତି ଦୃଷ୍ଟି ଆକର୍ଷଣ କରାଇ ପୃଷ୍ଠା 2-5ରୁ କାହାଣୀଟି ପଢ଼ି ଶୁଣାନ୍ତୁ । ପୃଷ୍ଠା 6 ରେ ଅଭିନୟ ପାଇଁ ଉଦ୍ଦିଷ୍ଟ ଶବ୍ଦଗୁଡ଼ାକ ପଢ଼ି ସେଇ ଅନୁସାରେ ଅଭିନୟ କରନ୍ତୁ । ଉଦାହରଣ: 'ଅନ୍ୟ ଦେବା ଦେବୀ ଉଦ୍ଦେଶ୍ୟରେ ଗାନ କରୁଥିବା ଲୋକଙ୍କୁ ମୁଁ ଦେଖିପାରୁଛି, ସେମାନେ ଗୀତ ଗାୟନ (ଗାୟନ କରୁଥିବା ଅଭିନୟ କରନ୍ତୁ) ପ୍ରାର୍ଥନା (ପ୍ରାର୍ଥନା କରିବା ଅଭିନୟ), ନୃତ୍ୟ ପରିବେଷଣ (ନୃତ୍ୟ କରୁଥିବା ଅଭିନୟ କରନ୍ତୁ) ଓ ଡ଼େଉଁଥିବାର (ଉପରୁ ତଳକୁ... ଉପରୁ ତଳକୁ... ଉପରୁ ତଳକୁ... ଡ଼େଇଁ ଡ଼େଇଁ ଅଭିନୟ କରନ୍ତୁ) ଦେଖୁଛି ।

ସୁସମ୍ବାଦ କାହାଣୀ ପୁସ୍ତିକାର ଚତୁର୍ଥ ଖଣ୍ଡରେ ଥିବା ଚିତ୍ରସବୁ ପ୍ରତି ପିଲାଙ୍କ ଦୃଷ୍ଟି ଆକର୍ଷଣ କରି, ପୃଷ୍ଠା 7-9ର କାହାଣୀଟି ପଢ଼ି ଶୁଣାନ୍ତୁ । ପୃଷ୍ଠା 10ରେ ଥିବା ଅଭିନୟ ପାଇଁ ଉଦ୍ଦିଷ୍ଟ ଶବ୍ଦ ସକଳ ପଢ଼ି, ତହିଁ ଆଧାରରେ ଅଭିନୟ କରନ୍ତୁ । ଉଦାହରଣ: ଯେମିତି ଲୋକେ ଅନ୍ୟ ଦେବତାମାନଙ୍କ ଉଦ୍ଦେଶ୍ୟରେ ଗାୟନ କରନ୍ତି, ଉଚ୍ଚସ୍ୱରରେ ପ୍ରାର୍ଥନା କରନ୍ତି (ଉଚ୍ଚସ୍ୱରରେ ପ୍ରାର୍ଥନାର ଅଭିନୟ କରନ୍ତୁ), ଦୀର୍ଘ ସମୟ ଧରି ନୃତ୍ୟ କରନ୍ତି (ଲମ୍ବା ନୃତ୍ୟର ଅଭିନୟ କରନ୍ତୁ), ଅଧିକ ଉଚ୍ଚକୁ ଡ଼େଇଁ ଥାଆନ୍ତି (ଅଧିକ ଉଚ୍ଚକୁ ଡ଼େଇଁବା ଅଭିନୟ କରନ୍ତୁ), ଅର୍ଥାତ୍ ଉପରୁ ତଳକୁ... ଉପରୁ ତଳକୁ... ଉପରୁ ତଳକୁ, ଇତ୍ୟାଦି ମୁଁ ଦେଖିପାରୁଛି ।

*ସୁସମ୍ବାଦ କାହାଣୀ ପୁସ୍ତିକାର ଚତୁର୍ଥ*-ଖଣ୍ଡରେ ଥିବା ଚିତ୍ରସବୁ ଦେଖାଇ ପୃଷ୍ଠା 11-12ର କାହାଣୀ ପଢ଼ି ଶୁଣାନ୍ତୁ ।  ପୃଷ୍ଠା 1-13ରେ ଥିବା ଅଭିନୟ ପାଇଁ ଉଦ୍ଦିଷ୍ଟ ଶବ୍ଦମାନ ପଢ଼ି, ତହିଁ ଆଧାରରେ ଅଭିନୟ କରନ୍ତୁ ।  ଉଦାହରଣ: 'ଯଜ୍ଞବେଦୀର ଚାରିପଟେ ତିନିଥର ପାଣି (ଏକ କୂପରୁ ଜଳ କାଢ଼ି, ଗରାଏ ଜଳ ନେଇ ବେଦୀର ଚାରିପଟେ ଢ଼ାଳିବା ଅଭିନୟ କରନ୍ତୁ) ଢ଼ାଳନ୍ତୁ ।

*ସୁସମ୍ବାଦ କାହାଣୀ ପୁସ୍ତିକାର ଚତୁର୍ଥ* ଖଣ୍ଡରେ ଥିବା ଚିତ୍ରସବୁକୁ ଦର୍ଶାଇ ପୃଷ୍ଠା 14-17ରେ ଦିଆଯାଇଥିବା କାହାଣୀ ପଢ଼ି ଶୁଣାନ୍ତୁ ଏବଂ ତା'ରି ଉପରେ ଅଭିନୟ କରନ୍ତୁ ।

1, 2, 3 କାହାଣୀ ଆରମ୍ଭ କରନ୍ତୁ...

# ପାଠ ୪



## ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର

### ପ୍ରଶ୍ନୋତ୍ତର ପ୍ରତିଯୋଗିତା

ପିଲାଙ୍କୁ କାହାଣୀ ଉପରେ ପ୍ରଶ୍ନ ପଚ୍ଚାରନ୍ତୁ । ପିଲାଙ୍କୁ ନେଇ ଦୁଇଦଳରେ ଭାଗ କରନ୍ତୁ । ପ୍ରଥମ ଦଳକୁ ଗୋଟିଏ ପ୍ରଶ୍ନ କରନ୍ତୁ । ପ୍ରଥମ ଦଳର ସବୁ ପିଲା ଗୋଟିଏ ଉତ୍ତର ବାଛିବେ । ଯଦି ସେମାନେ ସଠିକ୍ ଉତ୍ତର ଦିଅନ୍ତି, ଆପଣ ସେମାନଙ୍କୁ ଗୋଟିଏ ପଏଣ୍ଟ 'ମାର୍କ' ଦେବେ । ଯଦି ସେମାନଙ୍କ ଉତ୍ତର ଭୁଲ ହୋଇଥାଏ, ତେବେ ଦ୍ୱିତୀୟ ଦଳକୁ ସେହି ପ୍ରଶ୍ନ ପଚ୍ଚାରନ୍ତୁ । ଦ୍ୱିତୀୟ ଦଳର ସବୁ ପିଲା ଗୋଟିଏ ଉତ୍ତର ବାଛିବେ । ଯଦି ସେମାନଙ୍କ ଉତ୍ତର ସଠିକ୍ ହୁଏ, ତେବେ ସେମାନଙ୍କୁ ଗୋଟିଏ ପଏଣ୍ଟ 'ମାର୍କ' ଦିଅନ୍ତୁ ।

କଳାପଟା କିମ୍ବା ଖଣ୍ଡେ କାଗଜରେ ସର୍ବମୋଟ ପଏଣ୍ଟ୍ ଲେଖିରଖନ୍ତୁ ।

ତା'ପରେ ଦ୍ୱିତୀୟ ଦଳକୁ କାହାଣୀରୁ ଆଉ ଏକ ପ୍ରଶ୍ନ ପଚ୍ଚାରନ୍ତୁ । ଦ୍ୱିତୀୟ ଦଳର ସବୁ ପିଲାଙ୍କୁ ଗୋଟିଏ ଉତ୍ତର ବାଛିବାକୁ ହେବ । ଯଦି ସେମାନଙ୍କ ଉତ୍ତର ସଠିକ୍ ହୁଏ, ତେବେ ସେହି ଦଳ ଗୋଟିଏ ପଏଣ୍ଟ 'ମାର୍କ' ପାଇବେ । ଯଦି ତା'ଙ୍କ ଉତ୍ତର ଭୁଲ ହୁଏ, ତେବେ ପ୍ରଥମ ଦଳକୁ ସେହି ପ୍ରଶ୍ନ ପଚ୍ଚାରନ୍ତୁ । ପ୍ରଥମ ଦଳର ସବୁ ପିଲାଏ ଗୋଟିଏ ଉତ୍ତର ବାଛିବେ । ଯଦି ତାଙ୍କ ଉତ୍ତର ଠିକ୍ ହୁଏ, ତେବେ ସେମାନଙ୍କୁ ଗୋଟିଏ ପଏଣ୍ଟ 'ମାର୍କ' ଦିଅନ୍ତୁ । ଏହିପରି କାହାଣୀ ଉପରେ ବିଭିନ୍ନ ପ୍ରଶ୍ନ, ଉଭୟ ଦଳକୁ ପରିବର୍ତ୍ତିତ ଭାବେ ପଚ୍ଚାରି ଚାଲିଥାଆନ୍ତୁ ।

ଯଦି ଜଣେ ପିଲା ଭୁଲ୍ ଉତ୍ତର ଦିଏ, 'ଭଲ ଚେଷ୍ଟା କରିଛ,' କହି ଉତ୍ସାହିତ କରନ୍ତୁ 'କିନ୍ତୁ ମୁଁ ଖୋଜୁଥିବା ଉତ୍ତର ଏହା ନୁହେଁ । ଯଦି ଜଣେ ପିଲା ଠିକ୍ ଉତ୍ତର ଦିଏ, 'ହଁ ଠିକ୍ କହିଛ, ଭଲ କହିଛ,' କହନ୍ତୁ!

ନିମ୍ନରେ କେତୋଟି ପ୍ରଶ୍ନ ଉତ୍ତର ସହିତ ଦିଆଯାଇଛି, ଆପଣ ସେସବୁ ପଚ୍ଚାରିପାରନ୍ତି ।

**ଏଲିୟ କାହା ଉଦ୍ଦେଶ୍ୟରେ ଗାୟନ କରିଥିଲେ ?** ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ।

**ଲୋକମାନେ କାହା ଉଦ୍ଦେଶ୍ୟରେ ଗାୟନ କରିଥିଲେ ?** ଅନ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ।

**ଅନ୍ୟ ଦେବତାମାନେ କ'ଣ କରିଥିଲେ ?** କିଛି କରିପାରି ନ ଥିଲେ ।

**ଅନ୍ୟ ଦେବତାମାନେ ସ୍ୱର୍ଗରୁ ଅଗ୍ନି ବର୍ଷା କରିପାରିଥିଲେ କି ?** ନାହିଁ ।

**ସୃଷ୍ଟିକର୍ତ୍ତା ଈଶ୍ୱର ସ୍ୱର୍ଗରୁ ଅଗ୍ନି ବର୍ଷା କରିପାରିଥିଲେ କି ?** ହଁ ।

**ଅନ୍ୟ ଦେବତାମାନେ, ତା'ଙ୍କ ଉଦ୍ଦେଶ୍ୟରେ ଗାୟନ କରିଥିବା ପୂଜକମାନଙ୍କୁ ଉତ୍ତର ଦେଇପାରିଥିଲେ ?** ନାହିଁ ।

**ଏଲିୟ ଯିଏକି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାୟନ କରିଥିଲେ, କ'ଣ ସୃଷ୍ଟିକର୍ତ୍ତା ଈଶ୍ୱର ତାହାଙ୍କୁ ଉତ୍ତର ଦେଲେ ?** ହଁ ।

# ପାଠ 4

**ସୃଷ୍ଟିଶ୍ୱର୍ତ୍ତା ଈଶ୍ୱରଙ୍କ ସମ୍ବନ୍ଧରେ ଆପଣ କ'ଣ ଶିଖିଲେ ?**

ଯେତେବେଳେ ଆମେ କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରିଥାଉ, ସେ ଆମକୁ ଉତ୍ତର ଦେଇଥାଆନ୍ତି। ସ୍ୱର୍ଗରୁ ଅଗ୍ନି ପ୍ରେରଣ କରିବା ପାଇଁ କେବଳ ସ୍ରଷ୍ଟା ଈଶ୍ୱର ସକ୍ଷମ ଅଟନ୍ତି। ସେ ହିଁ ବାସ୍ତବ ଈଶ୍ୱର ହୋଇଥିବାରୁ କେବଳ ତା'ଙ୍କ ଉଦ୍ଦେଶ୍ୟରେ (ଆରାଧନା) ସଙ୍ଗୀତ ଗାୟନ କର।

'କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାୟନ କରିବା ଅର୍ଥ, କେବଳ ତାଙ୍କରି ଆରାଧନା କରିବା' ବୁଝାଇ ଦିଅନ୍ତୁ।

## ଅଭିନୟ ସଙ୍ଗୀତ

***ସୃଷ୍ଟିକର୍ତ୍ତାଙ୍କୁ ସତ୍ୟ ଈଶ୍ୱର ଭାବରେ ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ***

କର ଧନ୍ୟବାଦ ଧନ୍ୟବାଦ କର
ତା'ଙ୍କ ପ୍ରେମ ଚିରକାଳସ୍ଥାୟୀ (x2)
ଦେବମାନଙ୍କ ଦେବଙ୍କର ଧନ୍ୟବାଦ କର
ପ୍ରଭୁମାନଙ୍କ ପ୍ରଭୁଙ୍କର ଧନ୍ୟବାଦ କର
ଯେଣୁ ତା'ଙ୍କ ପ୍ରେମ ଚିରକାଳସ୍ଥାୟୀ | ଘୋଷା |

ଆକାଶ ମଣ୍ଡଳ କଲେ ସେ ନିର୍ମାଣ
ତା'ଙ୍କ ମହା ଜ୍ଞାନ ବଳେ
ଭୂମଣ୍ଡଳକୁ ସେ କରିଲେ ବିସ୍ତୀର୍ଣ୍ଣ
ମହା ଜଳ ରାଶି ପରେ
ଦିବସ ଉପରେ କର୍ତ୍ତୃତ୍ୱ ଦେବାକୁ
କରିଲେ ସୂର୍ଯ୍ୟ ନିର୍ମାଣ
ରାତ୍ରିରେ କର୍ତ୍ତୃତ୍ୱ ପାଇଁ ଖଞ୍ଜି ଦେଲେ
ଚନ୍ଦ୍ର ଓ ତାରାଗଣ

ଯେଣୁ ତା'ଙ୍କ ପ୍ରେମ ଚିରକାଳସ୍ଥାୟୀ |

## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ଶିକ୍ଷା

***ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର ବିଷୟ ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମ ବ୍ୟବହାର କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର

ସାହାଯ୍ୟ ପାଇଁ ଗୋଟିଏ ପିଲାକୁ ଡ଼ାକନ୍ତୁ। ଖେଳର ନିୟମ ବୁଝାଇ ଦିଅନ୍ତୁ। ଆପଣ (ଶିକ୍ଷକ), ସେହି ପିଲାଟିର କର୍ଣ୍ଣରେ ଫୁସ୍‌ଫୁସ୍ କରି (ଗୋଟିଏ ବିଷୟ ଈଶ୍ୱରଙ୍କ ସୃଷ୍ଟି ଯାହା ସମସ୍ତେ ଦେଖିପାରୁଥିବେ) କହିବେ। ତା'ପରେ ସେହି ପିଲା, ସବୁ ପିଲାଙ୍କ ସମ୍ମୁଖରେ ଠିଆ ହୋଇ କହିବ, 'ମୁଁ କିଛି ଗୋଟିଏ ଦେଖିପାରୁଛି (ସେହି ଜିନିଷର ରଙ୍ଗ)।

ଉଦାହରଣ: କାନରେ ସୂର୍ଯ୍ୟ କହନ୍ତୁ। ତେବେ ପିଲାଟି କହିବ, 'ମୁଁ ହଳଦିଆ ରଙ୍ଗର ଗୋଟିଏ ଜିନିଷ ଦେଖୁଛି।'

ବାକି ସବୁ ପିଲାଏ ଚାରିପଟେ ଖୋଜି, ଦେଖି ଅନୁମାନ କରିବେ, କେଉଁ ଜିନିଷଟି 'ଯାହା ରଙ୍ଗ ହଳଦିଆ' ଅଟେ।

ପ୍ରଥମେ, ଯାହାର ଅନୁମାନ ଠିକ୍ ହେବ, ପରବର୍ତ୍ତୀ ଥର ସେହି ପିଲାଟି ଆପଣଙ୍କ ସାହାଯ୍ୟକାରୀ ହେବ। ପିଲାମାନେ ଆଗ୍ରହ ପ୍ରକାଶ କରୁଥିବା ପର୍ଯ୍ୟନ୍ତ ଆପଣ ବାରମ୍ବାର ଏହା କରିବେ।

ସେହି ସମସ୍ତ ପର୍ଯ୍ୟାୟ ସରିବା ପରେ 'ସ୍ରଷ୍ଟା ଈଶ୍ୱରଙ୍କ ଦ୍ୱାରା ସବୁ ବିଷୟ ସୃଷ୍ଟି ହୋଇଥିଲା,' ଭାବଧାରାକୁ ବୁଝାଇ ଦିଅନ୍ତୁ। ଯେହେତୁ ଏହି ସମସ୍ତ ବିଷୟର ସ୍ରଷ୍ଟା ଈଶ୍ୱର ଅଟନ୍ତି, ସେଥିପାଇଁ ସେ ସମସ୍ତ ଉପରେ ତାଙ୍କର କର୍ତ୍ତାପଣ ରହିଛି। ଯେହେତୁ ସ୍ରଷ୍ଟା ଈଶ୍ୱରଙ୍କ ଶକ୍ତି, ସାମର୍ଥ୍ୟ ଅଛି, ସେଥିପାଇଁ ସେ ହିଁ କେବଳ ସତ୍ୟ ପରମେଶ୍ୱର ଅଟନ୍ତି!

# ପାଠ 4

## ମୁଖସ୍ଥ ପଦ ଧନ୍ଦା

***ସୃଷ୍ଟିକର୍ତ୍ତା ଈଶ୍ୱର ଯେ ସତ୍ୟ ପରମେଶ୍ୱର ଏହି ଶିକ୍ଷା ଦେଉଥିବା ବାଇବଲ ପଦ ବ୍ୟବହାର କରନ୍ତୁ***



ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଅନ୍ୟ ନାମ *ସଦାପ୍ରଭୁ*, ଏହି ଉକ୍ତିଟିକୁ ସରଳ କରି ବୁଝାନ୍ତୁ ।

**1ମ ରାଜାବଳୀ 18:39** *'ଏହା ଦେଖି ସମଗ୍ର ଲୋକ ଭୂମିରେ ମୁଣ୍ଡ ନୁଆଁଇ କହିଲେ, "ସଦାପ୍ରଭୁ ହିଁ ପରମେଶ୍ୱର, ସଦାପ୍ରଭୁ ହିଁ ପରମେଶ୍ୱର ।"'*

**ଉପକରଣ:** 7ଟି ବେଲୁନ୍, ସୂତା ରିଲ୍, 7ଟି ପଥର ଓ କଳା ରଙ୍ଗରେ ଚିହ୍ନଟ କରିବା କଲମ ।

**ଚିତ୍ର ଦ୍ୱାରା ଶବ୍ଦ ଧନ୍ଦା:** ପିଲାଙ୍କୁ ସାତୋଟି ବେଲୁନ୍‌ରେ ପବନ ପୁରାଇ ବାନ୍ଧି ଦେବାକୁ କହନ୍ତୁ, ଯେମିତି ପବନ ବାହାରିନଯାଏ । ପ୍ରତ୍ୟେକଟି ବେଲୁନ୍ ନେଇ ମୁଖସ୍ଥ ପଦର ଶବ୍ଦସବୁ ଲେଖି, ଏଠାରେ ଦର୍ଶାଇ ଦିଆଯାଇଥିବା ଛବିମାନ ଅଙ୍କନ କରନ୍ତୁ । ପିଲାଏ ଯଦି ପଢ଼ିବା ଜାଣି ନାହାନ୍ତି, ତେବେ ଶବ୍ଦ ବଦଳେ ଦୃଷ୍ଟାନ୍ତ ବ୍ୟବହାର କରନ୍ତୁ ।

ପିଲାଙ୍କ ମଧ୍ୟରୁ ଜଣେ ସାହାଯ୍ୟକାରୀ ବାଛନ୍ତୁ, ସିଏ ସାମ୍ନାକୁ ଆସି ସବୁ ପିଲାଙ୍କୁ ପଛ କରି ଠିଆ ହେବ । ପ୍ରଥମ ବେଲୁନ୍‌କୁ ପିଲାଙ୍କ ମଝିରେ ଜୋରରେ ବାଡ଼େଇ ଛାଡ଼ି ଦିଅନ୍ତୁ । ଯେତେବେଳେ ସାହାଯ୍ୟକାରୀ ପିଲାଟି ଚିତ୍କାର କରି କହେ 'ବନ୍ଦ କର,' ସେତେବେଳେ ଯେଉଁ ପିଲା ହାତରେ ବେଲୁନ୍ ଥିବ, ସେ ବେଲୁନ୍ ସହିତ ଆଗକୁ ଆସି ମୁଖସ୍ଥ ପଦର ଶବ୍ଦସବୁ ତଥା ବେଲୁନ୍ ଉପରେ ଅଙ୍କିତ ଚିତ୍ର ସମସ୍ତଙ୍କୁ ଦେଖାଇବ ।

ସାତୋଟି ଯାକ ବେଲୁନ୍ ତଳେ କଚାଡ଼ି, ସାତଜଣ ପିଲାଙ୍କ ହାତରେ ସଂଗୃହୀତ ହୋଇ ସାମ୍ନାକୁ ଆସିବା ପର୍ଯ୍ୟନ୍ତ ସେହିପରି ବାରମ୍ବାର କରୁଥାଆନ୍ତୁ । ସାତଜଣ ନିଜ ମୁଖସ୍ଥ ପଦ ସହିତ ଚିତ୍ରସମୂହ ଦେଖାଇବେ । ସେମାନେ ପ୍ରତ୍ୟେକ ବେଲୁନ୍ ସୂତାରେ ବାନ୍ଧି, ଦିଆଯାଇଥିବା ସାତୋଟି ପଥରର ଭାରରେ ବେଲୁନ୍ ଅଟକାଇ ଧରି ସବୁ ପିଲାଙ୍କ ସଙ୍ଗେ ତଳେ ବସିବାକୁ କହନ୍ତୁ । 'କିଏ ମୁଖସ୍ଥ ପଦକୁ ଠିକ୍ ସଜାଡ଼ି ପାରିବ,' ପଚ୍ଚାରନ୍ତୁ ।

ଗୋଟିଏ ପରେ ଗୋଟିଏ ବେଲୁନ୍ ନେଇ, ପିଲାଙ୍କୁ ପଚ୍ଚାରନ୍ତୁ, 'କିଏ ମୁଖସ୍ଥ ପଦଟି ଅନୁମାନ କରି କହିବା ପାଇଁ ଚେଷ୍ଟା କରିବ ।' କିଛି ସମୟ ଧରି ସେମାନେ ଅନୁମାନ କରି ଯଦି କହି ନ ପାରନ୍ତି, ଆପଣ ତେବେ ସେମାନଙ୍କୁ କିଛି ସୂଚନା ଦେବେ, ଯଦ୍ଦ୍ୱାରା ସେମାନେ ଚିତ୍ର ଦ୍ୱାରା ଶବ୍ଦଧନ୍ଦାର ସମାଧାନ କରିପାରିବେ । ମୁଖସ୍ଥ ପଦକୁ 3 ଥର ପୁନରାବୃତ୍ତି କରି କହନ୍ତୁ ।

ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର

## ବ୍ୟବହାରିକ କାର୍ଯ୍ୟକାରିତା


***ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର, ଏହି ଉକ୍ତିର କାର୍ଯ୍ୟକାରିତାକୁ ବ୍ୟବହାର କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱର ହିଁ ସତ୍ୟ ପରମେଶ୍ୱର । ଯେହେତୁ ସ୍ରଷ୍ଟା ଈଶ୍ୱର, ସତ୍ୟ ପରମେଶ୍ୱର ଅଟନ୍ତି, ସେଥିପାଇଁ ସେ କେବଳ ଆରାଧନା ପାଇବାର ଭାଜନ ଈଶ୍ୱର ଅଟନ୍ତି ।

**ବ୍ୟକ୍ତିଗତ ସାକ୍ଷ୍ୟ ଦିଅନ୍ତୁ:** ଥରେ ଆପଣଙ୍କ ଜୀବନରେ ଈଶ୍ୱର କିପରି ପ୍ରାର୍ଥନାର ଉତ୍ତର ଦେଇଥିଲେ ।

**ପ୍ରାର୍ଥନା:** ସ୍ରଷ୍ଟା ଈଶ୍ୱର, ଆପଣ ଯେ ସତ୍ୟ ପରମେଶ୍ୱର ଅଟନ୍ତି, ତାହା ମୋ' ଜୀବନରେ ଦେଖାଇଥିବାରୁ ମୁଁ ଧନ୍ୟବାଦ ଅର୍ପଣ କରୁଛି । ଆପଣ ମୋତେ ପ୍ରେମ କରନ୍ତି, ସେଥିପାଇଁ ମୁଁ ଧନ୍ୟବାଦ ଜଣାଉଛି । ମୋତେ ଉତ୍ତର ଦେଉଥିବାରୁ ମୁଁ ଆପଣଙ୍କ ନିକଟରେ ଧନ୍ୟବାଦୀ । ଆମେନ୍ ।

# ପାଠ ୨



## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

***କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆରାଧନା କର***

## ବାଇବଲ କାହାଣୀ

***କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଆରାଧନା କରିବାକୁ ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ***

କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆରାଧନା କର

**ସୁସମ୍ବାଦ କାହାଣୀ ପୁସ୍ତିକା, ଚତୁର୍ଥ ଖଣ୍ଡ ।** ପୃଷ୍ଠା 18-32. *ଅଗ୍ନିହୁଳା – ଗୋଲାକାର ।*

ପିଲାଙ୍କୁ ନେଇ ଏହି କାହାଣୀ ଉପରେ ଏକ ନାଟକ ପ୍ରସ୍ତୁତ କରନ୍ତୁ । ସବୁ ପିଲାଙ୍କୁ ବୁଝାଇ ଦିଅନ୍ତୁ ସମସ୍ତେ ମିଶି, 'ଅଗ୍ନିହୁଳା – ଗୋଲାକାର' ଶୀର୍ଷକ ଏକ ନାଟକ ଉପସ୍ଥାପନ କରିବା ।

**ଅଭିନେତା ବର୍ଗ:** କାହାଣୀର ବକ୍ତା ଓ ନିର୍ଦ୍ଦେଶକ (ଆପଣ, ଶିକ୍ଷକ) । ଜଣେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପରି (ପିଲାଙ୍କ ମଧ୍ୟରୁ ଜଣେ) । ତିନି ବାଳକ (ପିଲାଙ୍କ ମଧ୍ୟରୁ ତିନି ଜଣ) । ରାଜା (ପିଲାଙ୍କ ମଧ୍ୟରୁ ଜଣେ) । ଅଗ୍ନି-ହୁଳା ଗୋଲାକାର (ନାଟକରେ ଏପର୍ଯ୍ୟନ୍ତ ଭାଗ ନ ନେଇଥିବା ସବୁ ପିଲାମାନେ) ।


ଯେଉଁ ପିଲାମାନେ ଅଗ୍ନିହୁଳା ଗୋଲାକାରରେ ଭାଗ ନେଇଥିବେ, ସେମାନେ ସମସ୍ତେ ଏକ ବଡ଼ ଗୋଲେଇ କରି ପରସ୍ପର ହାତ ଧରି ଠିଆ ହେବେ । ସେମାନେ ସମସ୍ତେ ବକ୍ତା । (ଆପଣ) ଯେମିତି କାହାଣୀ କହିବା ଆରମ୍ଭ କରିବେ, ଆସ୍ତେ ଆସ୍ତେ ଗୋଲେଇ କରି ଏକାଠି ଗୁଲିବେ । ଯେତେବେଳେ କେହି ଜଣେ 'ଅଗ୍ନି' ବୋଲି କାହାଣୀରେ କହେ, ଗୋଲେଇରେ ଥିବା ସମସ୍ତେ ହସ୍ତ ଉତ୍ତୋଳନ କରି, 'ଅତ୍ୟନ୍ତ ଗରମ୍, ଗରମ୍, ଗରମ୍  କହିବେ ।'  ନାଟକ ଆରମ୍ଭରେ କାହାଣୀର ବକ୍ତା, ରାଜା, ତିନୋଟି ବାଳକ ଏବଂ ସୃଷ୍ଟିକର୍ତ୍ତାଙ୍କ ଅଭିନୟରେ ଥିବା ପିଲାଟି, ସମସ୍ତେ ସେଇ ଗୋଲେଇର ବାହ୍ୟ ପଟେ ଠିଆ ହେବେ (ଅଗ୍ନିହୁଳା ଗୋଲାକାର) ।

*ସୁସମ୍ବାଦ କାହାଣୀ ପୁସ୍ତକର ଚତୁର୍ଥ* ଖଣ୍ଡରୁ କାହାଣୀକୁ ପଢ଼ି ଶୁଣାନ୍ତୁ । ପୃଷ୍ଠା 18-32, ଆପଣ କାହାଣୀଟି ପଢ଼ି, ଶୁଣାଇବା ସମୟରେ ଅଭିନୟକାରୀଙ୍କୁ ନିଜ ନିଜ ଅଭିନୟ କରିବା ପାଇଁ କହନ୍ତୁ । ନାଟକରେ ଅଭିନୟ କରୁଥିବା ପିଲାମାନେ ଯଦି ପଢ଼ି ପାରନ୍ତି, ତେବେ ଏହି କାହାଣୀ ପୁସ୍ତକର ଚତୁର୍ଥ ଖଣ୍ଡରୁ ଗୋଟିଏ ଲେଖା ଦିଅନ୍ତୁ, ଯଦ୍ଦ୍ୱାରା ସେମାନେ କାହାଣୀରେ ସଂପୃକ୍ତ ରହି, ପଢ଼ି, ଠିକ୍ ଅଭିନୟ କରିପାରିବେ ।

*ଉଦାହରଣ:* ପୃଷ୍ଠା 19 ପଢ଼ି ଶୁଣାନ୍ତୁ, 'ରାଜା, ଲୋକମାନଙ୍କୁ କହୁଥିବା ମୁଁ ଶୁଣିପାରୁଛି,' ପଢ଼ିବା ପରେ ରାଜା ଅଭିନୟରେ ଭାଗ ନେଇଥିବା ପିଲାକୁ ନିର୍ଦ୍ଦେଶ ଦିଅନ୍ତୁ । ସେହି ପିଲାଟି ପଢ଼ି କହିବ, 'ସ୍ୱର୍ଣ୍ଣ ପ୍ରତିମା ଉଦ୍ଦେଶ୍ୟରେ ଗାୟନ କର, ନଚେତ୍ ମୁଁ ତୁମ୍ଭମାନଙ୍କୁ ଅଗ୍ନିରେ ପକାଇବି ।'

# ପାଠ ୨





## କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆରାଧନା କର

ସବୁବେଳେ ମନେ ରଖିବେ, ଯଦି କେହି 'ଅଗ୍ନି' ପଢ଼େ ଓ ଶୁଣାଏ, କାହାଣୀ ତତକ୍ଷଣାତ୍ ବନ୍ଦ କରି (ଅଗ୍ନିହୁଳା ଗୋଲାକାର) କରିଥିବା ପିଲାଙ୍କ ଆଡ଼େ ସୂଚାଇ ଦିଅନ୍ତୁ । ସେହି ସମୟରେ ସୂଚିତ ପିଲାଏ ନିଜ ନିଜ ହସ୍ତ ଉତ୍ତୋଳନ କରି କହିବେ 'ଅତ୍ୟନ୍ତ ଗରମ୍, ଗରମ୍, ଗରମ୍ ।' ତା'ପରେ କାହାଣୀ ପଢ଼ିବା ଗ୍ଲୁ ରଖନ୍ତୁ ଯେପରି ସମସ୍ତେ ଶୁଣିପାରିବେ ।

1, 2, 3 ନାଟକ ଆରମ୍ଭ କରନ୍ତୁ...

'ଅଗ୍ନିହୁଳା ଗୋଲାକାର' ର ପିଲାମାନେ, ଗୋଲେଇ ଆକାରରେ ପରସ୍ପର ହାତ ଧରି ଚାଲିବେ । କାହାଣୀ କହି ଶୁଣାନ୍ତୁ ।

ନାଟକର ପରିଶେଷରେ ପିଲାଙ୍କୁ କିଛି ପ୍ରଶ୍ନ ପଗ୍ଭରନ୍ତୁ । ଯଦି ଗୋଟିଏ ପିଲା ଭୁଲ୍ ଉତ୍ତର ଦିଏ, 'ଭଲ ଚେଷ୍ଟା କରିଛ, କିନ୍ତୁ ମୁଁ ଖୋଜୁଥିବା ଉତ୍ତର ଏହା ନୁହେଁ କହନ୍ତୁ ।

ଯଦି ଜଣେ ପିଲା ସଠିକ୍ ଉତ୍ତର ଦିଏ, ତେବେ କହନ୍ତୁ, 'ହଁ, ଭଲ କହିଛ' ! ସଠିକ୍ ଉତ୍ତର ଜଣେ କେହି ଦେବା ପର୍ଯ୍ୟନ୍ତ ସେଇ ପ୍ରଶ୍ନଟି ପଗ୍ଭରି ଚାଲିଥାଆନ୍ତୁ ।

ନିମ୍ନରେ କାହାଣୀ ସମ୍ବନ୍ଧୀୟ କେତେଗୁଡ଼ିଏ ପ୍ରଶ୍ନ ଆପଣ ପଗ୍ଭରିବା ପାଇଁ ଦିଆଯାଇଛି ।

**ରାଜା କାହିଁକି ତିନିଜଣ ବାଳକଙ୍କୁ ଅଗ୍ନିରେ ନିକ୍ଷେପ କଲା ?**
କାରଣ ସେଇ ତିନିଜଣ ବାଳକ ସ୍ୱର୍ଣ୍ଣ ପ୍ରତିମା ଉଦ୍ଦେଶ୍ୟରେ ଗାୟନ କରି ନ ଥିଲେ ।


**ଅଗ୍ନି ମଧ୍ୟରେ କିଏ ତିନି ବାଳକଙ୍କୁ ସାକ୍ଷାତ କରିଥିଲେ ?**
ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ସଦୃଶ ଜଣେ ।

**ଅଗ୍ନି ମଧ୍ୟରେ ସେଇ ତିନି ବାଳକଙ୍କର କାହିଁକି କିଛିକ୍ଷତି ହୋଇ ନ ଥିଲା ?**
ସୃଷ୍ଟିକର୍ତ୍ତା ଈଶ୍ୱର ସେମାନଙ୍କୁ ସୁରକ୍ଷା କଲେ ।

**ଏହି କାହାଣୀରୁ ସ୍ରଷ୍ଟା ଈଶ୍ୱରଙ୍କ ସମ୍ପର୍କରେ କ'ଣ ଶିକ୍ଷା ପାଉଛୁ ?**
ଯେଉଁମାନେ କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାୟନ କରନ୍ତି, ସେ ସେମାନଙ୍କୁ ସୁରକ୍ଷିତ କରନ୍ତି ।

ସ୍ରଷ୍ଟା ଈଶ୍ୱର ହିଁ ସତ୍ୟ ପରମେଶ୍ୱର ।
ଆମେ କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଆରାଧନା କରିଥାଉ ।

# ପାଠ 9



## ଅଭିନୟ ସଙ୍ଗୀତ

***କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଆରାଧନା କରିବାକୁ ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ***


ଗାଅ ହାଲେଲ୍ଲୁୟା ଓ ପ୍ରଶଂସା ତାଙ୍କର

ଗାଅ ସମସ୍ତ ପୃଥିବୀ ପ୍ରଶଂସା ତାଙ୍କର

ଗାଅ ହାଲେଲ୍ଲୁୟା ଓ ପ୍ରଶଂସା ତାଙ୍କର

ଗାଅ ସମସ୍ତ ପୃଥିବୀ ପ୍ରଶଂସା ତାଙ୍କର

ପ୍ରଭୁ ମହାନ ଓ ଯୋଗ୍ୟ ଆରାଧନାର (x2)



## ଦ୍ରଷ୍ଟବ୍ୟ ବସ୍ତୁ ମଧ୍ୟରେ ଶିକ୍ଷା

***କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆରାଧନା କର, ଭାବଧାରା ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମ ବ୍ୟବହାର କରନ୍ତୁ***

ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଦୁଇଟି ପିଲାଙ୍କୁ ଡ଼ାକନ୍ତୁ । ଉଭୟଙ୍କ ମଧ୍ୟରୁ ଜଣେ ପିଲା (ଛଳନାତ୍ମକ ଭାବରେ) ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଅଭିନୟ କରିବ ।  ଏବଂ ଅନ୍ୟ ଜଣକ ଅନ୍ୟ ଦେବତାମାନଙ୍କୁ ପୂଜା କରୁଥିବା ଅଭିନୟ (ଛଳନାତ୍ମକ ଭାବରେ) ବିଷୟ ସରଳରେ ବୁଝାଇ ଦିଅନ୍ତୁ ।

ବର୍ତ୍ତମାନ ଯେଉଁ ପିଲା ଅନ୍ୟ ଦେବତାମାନଙ୍କ ପୂଜା କରେ, ତା'ର ଚକ୍ଷୁ ଦୁଇଟି ଅନ୍ଧପୁଟୁଳିରେ ବାନ୍ଧି ଦିଅନ୍ତୁ ।

ଅନ୍ୟ ସବୁ ପିଲାଙ୍କ ଆଗରେ ଉଭୟ ପିଲାଙ୍କୁ ଚାଲିବାକୁ କହନ୍ତୁ । ସତ୍ୟ ପରମେଶ୍ୱର, ଅର୍ଥାତ୍ ସୃଷ୍ଟିକର୍ତ୍ତାଙ୍କ ପାଇଁ ଯିଏ ଛଳନାତ୍ମକ ଅଭିନେତା ସେ 'ଅନ୍ୟ ଦେବତାମାନଙ୍କୁ ପୂଜା କରୁଥିବା' ଅଭିନେତାର ପଛରେ ରହି ଚାଲିବ ।

ଏଇ ସମୟରେ ଆପଣ ସରଳରେ ବୁଝାଇ ଦିଅନ୍ତୁ ଯେ 'ଅନ୍ୟ ଦେବତାଙ୍କୁ ପୂଜା କରୁଥିବା' ପିଲା ଅନ୍ଧକାର ମଧ୍ୟରେ ଘୁରି ବୁଲୁଛି ଏବଂ ସେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଦେଖିପାରୁ ନାହିଁ ।

ଠିକ୍ ସେହିପରି ଆମେ ଯେବେ ଅନ୍ୟ ଦେବତାମାନଙ୍କୁ ପୂଜା କରିଥାଉ, ତେବେ ଆମେ ଅନ୍ଧକାର ମଧ୍ୟରେ ପଥହରା ହୋଇରହିଛୁ ।

କିନ୍ତୁ ସ୍ରଷ୍ଟା ଈଶ୍ୱର ଆମଠାରୁ ଦୂରରେ ନାହାନ୍ତି । ସୃଷ୍ଟିକର୍ତ୍ତା ଈଶ୍ୱର ସେମାନଙ୍କୁ ଉଦ୍ଧାର କରିବାକୁ ଚାହାନ୍ତି ଓ ଆମ୍ଭମାନଙ୍କୁ ଉଦ୍ଧାର କରିବାକୁ ଚାହାନ୍ତି ।

କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆରାଧନା କର

# ପାଠ ୨

## ବାଇବଲ ମୁଖସ୍ଥ ପଦ ଧନ୍ଦା

***ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ କେବଳ ଆରାଧନା କର, ଉକ୍ତିଟି ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ***

**ଯାତ୍ରା 20:3** *'ତୁମ୍ଭେମାନେ ମୋ' ବ୍ୟତୀତ ଆଉ କୌଣସି ଦେବତାଗଣଙ୍କୁ ଉପାସନା କରିବ ନାହିଁ ।'* (ସୃଷ୍ଟିକର୍ତ୍ତା ଈଶ୍ୱର କହନ୍ତି) ।

ମୁଖସ୍ଥ ପଦଟିକୁ ଡ୍ରମର ତାଳ ସ୍ୱରରେ ଗାୟନ କରି, ପିଲାଙ୍କୁ ଆପଣଙ୍କ (ଶିକ୍ଷକ) ପରେ ପରେ ପୁନରାବୃତ୍ତି କରିବା ପାଇଁ କହନ୍ତୁ ।

ଶିକ୍ଷକ: 'ତୁମେ, ତୁମେ, ତୁମେ' ପିଲାମାନେ: 'ତୁମେ, ତୁମେ, ତୁମେ'

ଶିକ୍ଷକ: 'ତୁମ୍ଭେମାନେ' ପିଲାମାନେ: 'ତୁମ୍ଭେମାନେ'

ଶିକ୍ଷକ: 'ମୋ' ବ୍ୟତୀତ...' ପିଲାମାନେ: 'ମୋ' ବ୍ୟତୀତ...'

ଶିକ୍ଷକ: 'ଆଉ କୌଣସି ଦେବତାଗଣଙ୍କୁ...' ପିଲାମାନେ: 'ଆଉ କୌଣସି ଦେବତାଗଣଙ୍କୁ...'

ଶିକ୍ଷକ: 'ଉପାସନା କରିବ ନାହିଁ ।' ପିଲାମାନେ: 'ଉପାସନା କରିବ ନାହିଁ ।'

ଶିକ୍ଷକ: 'ଯାତ୍ରା 20' ପିଲାମାନେ: 'ଯାତ୍ରା 20'

ଶିକ୍ଷକ: '3 ପଦ ।' ପିଲାମାନେ: '3 ପଦ ।'

ପିଲାମାନେ ପଦଟି ମନେରଖିବା ପର୍ଯ୍ୟନ୍ତ ସେମାନଙ୍କୁ ବାରମ୍ବାର କହିବାକୁ ଦିଅନ୍ତୁ ।

## ବ୍ୟାବହାରିକ କାର୍ଯ୍ୟକାରିତା

କେବଳ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆରାଧନା କର

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ କେବଳ ଉପାସନା କର, ଉକ୍ତିର କାର୍ଯ୍ୟକାରିତାକୁ ବ୍ୟବହାର କରନ୍ତୁ

ସୃଷ୍ଟିକର୍ତ୍ତା ଈଶ୍ୱର କେବଳ ସତ୍ୟ ପରମେଶ୍ୱର ଅଟନ୍ତି । ଆମେ କେବଳ ତାଙ୍କର ପୂଜା, ଆରାଧନା କରୁ । ଯେତେବେଳେ ଅନ୍ୟ ଦେବତାମାନଙ୍କୁ ପୂଜା ଆରାଧନା କରୁ, ଆତ୍ମିକ ଅନ୍ଧକାର ଆମର ଜୀବନରେ ଆସିଥାଏ । ଅନ୍ୟ ଦେବତାଙ୍କ ପୂଜା କରିବା ଦ୍ୱାରା, ଆମେ ଅନ୍ଧକାରରେ ହଜିଯାଇଥାଉ ।

ଆମେ କେବଳ ସତ୍ୟ ପରମେଶ୍ୱର ଆରାଧନା କରୁଥିବାରୁ ସେ ଆମ୍ଭମାନଙ୍କ ଜୀବନରୁ ଆତ୍ମିକ ଅନ୍ଧକାର ଦୂର କରିଦିଅନ୍ତି । କେବଳ ଆମେ ସତ୍ୟ ପରମେଶ୍ୱର ଆରାଧନା କରୁ ଏବଂ ସେ ଆମ୍ଭମାନଙ୍କୁ ଆତ୍ମୀକ ଅନ୍ଧକାରରୁ ଉଦ୍ଧାର କରନ୍ତି ।

**ପ୍ରାର୍ଥନା:** ସ୍ରଷ୍ଟା ଈଶ୍ୱର, ତୁମେ ଯେ ସତ୍ୟ ପରମେଶ୍ୱର ଅଟ, ଏହା ମୋତେ ଦେଖାଇ ଦେଇଥିବାରୁ ତୁମକୁ ମୁଁ ଧନ୍ୟବାଦ ଅର୍ପଣ କରେ । ମୁଁ କେବଳ ତୁମର ଆରାଧନା କରିବି । ସୃଷ୍ଟିକର୍ତ୍ତା ଈଶ୍ୱର ତୁମେ ମୋତେ ପ୍ରେମ କରୁଥିବାରୁ ମୁଁ ଧନ୍ୟବାଦୀ । ମୋତେ ଭୟଙ୍କର ଅନ୍ଧକାର ମଧ୍ୟରୁ ଉଦ୍ଧାର କରିଥିବାରୁ ତୁମକୁ ଧନ୍ୟବାଦ ଅର୍ପଣ କରୁଛି ।

**ପୁରସ୍କାର:** ପିଲାଙ୍କ ପାଇଁ ଏହି ଉଦ୍ଦିଷ୍ଟ ସୁସମ୍ବାଦ କାହାଣୀ ପୁସ୍ତିକାର ଚତୁର୍ଥ ଖଣ୍ଡରୁ ଗୋଟିଏ ଲେଖାଏଁ ପ୍ରତ୍ୟେକଙ୍କୁ ଦିଅନ୍ତୁ । ପିଲାଙ୍କୁ ସୁସମ୍ବାଦ କାହାଣୀ ପୁସ୍ତିକା ଚତୁର୍ଥ ଖଣ୍ଡ ପଢ଼ିବାରେ ସାହାଯ୍ୟ କରନ୍ତୁ ।